# Chapter- 1
# ଟିକିଟିକି

## STUDY NOTES

"ଟିକିଟିକି" କବିତାର ସାରକଥା

"ଟିକିଟିକି ..................................................................ଧନ"

ଟିକିଟିକି ପାଣି ଟୋପାରେ ସମୁଦ୍ର ସୃଷ୍ଟି ହୋଇଛି । ସେହି ଅସଂଖ୍ୟ ଜଳବିନ୍ଦୁ ଆମ ଆଖିକୁ ଦିଶୁନଥିଲେ ମଧ୍ୟ, ତାହାରି ସମଷ୍ଟିରେ ସମୁଦ୍ରର ସୃଷ୍ଟି, ପାହାଡ଼, ପର୍ବତ, ନଗର ଆଦି ଏହି ଧୂଳିକଣାରେ ତିଆରି ହୋଇଛି । ଯେପରି ଅନେକ ଗଛକୁ ନେଇ ବଣ ସୃଷ୍ଟି ହୋଇଛି । ବଣ ଲୋକମାନଙ୍କର ଅନେକ ହିତ ସାଧନ କରେ ।

ଟିକିଟିକି.................................................................. ପାରଇ ସୁଖେ ।

ଟିକିଟିକି ଅନେକ ତାରା ଆକାଶରେ ଉଦିତ ହୋଇ ରାତିର ଅନ୍ଧକାରକୁ ଦୂରକରି ପୃଥିବୀକୁ ଉଜ୍ଜ୍ୱଳ କରୁଛନ୍ତି । ଯେଉଁ ନର ନିଜ ହୃଦୟରୁ ଅନ୍ୟମାନଙ୍କୁ ଟିକେ ଟିକେ ଦୟା ଦେଖାଏ, ସେ ଦୟାମୟଙ୍କର ଅନୁଗାମୀ ବୋଲି ଜଣାଯାଏ । ଯେ ନିଜ ମୁହଁରେ ମଧୁର କଥା କହିପାରେ ସେ ପରକୁ ଆପଣାର କରିପାରେ ।

ଟିକିଟିକି ..................................................................ଜନ୍ମ କରିବା ସାର ।

ଛୋଟ ଛୋଟ କାମରେ ପିଲାମାନେ ଉତ୍ତମ ଗତି ଦେଖାଇଲେ ତେବେ ଏ ପୃଥିବୀରେ ସେମାନଙ୍କର ଜନ୍ମ ହେବା ସାର୍ଥକ ହୋଇଯିବ ।

**କେତୋଟି ନୂତନ ଶବ୍ଦ:-**

ସିନ୍ଧୁ – ସାଗର / ସମୁଦ୍ର

ଧରା - ପୃଥିବୀ

ବିନାଶି - ନଷ୍ଟକରି

ଲୋକହିତ – ଲେକମାନଙ୍କ ମଙ୍ଗଳ

ଭାସଇ – କହେ

ହୟାମୟ – ଭଗବାନ

କ୍ଷିତି - ପୃଥିବୀ

ଚର - ଦୂତ

ରବେ - ଅଳ୍ପ

କଣିକା – କ୍ଷୁଦ୍ର ଅଂଶ

ତୋଫା - ନିର୍ମଳ

ସୁଗତି – ଭଲ ଗତି

ଗଗନେ - ଆକାଶେ

ସାର – ଶ୍ରେଷ୍ଠ/ ସାର୍ଥକ

**୧. ଆସ କଥା ହେବା:-**

(କ) ସମୁଦ୍ର କିପରି ସୃଷ୍ଟି ହୋଇଛି ?

ଉ - ଟିକିଟିକି ପାଣିଟୋପାରେ ସମୁଦ୍ର ସୃଷ୍ଟି ହୋଇଛି ?

(ଖ) ପାହାଡ଼, ପଡ଼ିଆ, ନଗର ସବୁ ଧୂଳିରେ ଗଢା ହୋଇଛି ବୋଲି କବି କାହିଁକି କହିଛନ୍ତି ?

ଉ – ଟିକିଟିକି ଧୂଳିକଣା ମିଶି ଏ ପୃଥିବୀ ସୃଷ୍ଟି ହୋଇଛି । ସେହି ଧୂଳିକଣାର ଉପାଦାନରେ ପାହାଡ଼, ପଡ଼ିଆ, ନଗର ଆଦି ଗଢା ହୋଇଛି ।

(ଗ) ଜଙ୍ଗଲ କିପରି ଲୋକମାନଙ୍କର ଉପକାର କରୁଛି ?

ଉ - ଜଙ୍ଗଲରେ ଅନେକ ଉପାଦେୟ ଗଛ ପୂରି ରହିଛି । ସେହି ଗଛ ସବୁରେ ଅନେକ ମୂଲ୍ୟବାନ ପଦାର୍ଥ ଭରି ରହିଛି । ଖାଦ୍ୟ, ବସ୍ତ୍ର ଓ ବାସଗୃହ ପାଇଁ ଉପାଦାନ ଓ ଔଷଧ ଆଦି ସବୁକିଛି ମଣିଷ ଏହି ଜଙ୍ଗଲରୁ ହିଁ ପାଏ ।

(ଘ) ତୋଫା କରନ୍ତି କ୍ଷିତି । ପଦଟିର ଅର୍ଥ କଣ ?

ଉ- ପଦଟିର ଅର୍ଥ ହେଲା ପୃଥିବୀକୁ ଉଜ୍ୱଳ କରନ୍ତି । ଅର୍ଥାତ୍ ଟିକିଟିକି ଅନେକ ତାରା ପ୍ରତିଦିଦ ରାତିରେ ଆକାଶରେ ଉଦୟ ହୋଇ ଅନ୍ଧାରକୁ ଦୂର କରି ପୃଥିବୀକୁ ଉଜ୍ୱଳ କରନ୍ତି ।

(ଙ) ଦୟାମୟଙ୍କ ଚର କହିଲେ କଣ ବୁଝାଯାଏ ?

ଉ- ଦୟାମୟଙ୍କ ଚର କହିଲେ ଭଗବାନଙ୍କ ଦୂତକୁ ବୁଝାଏ । ଯେଉଁ ଲୋକ ଅନ୍ୟମାନଙ୍କୁ ଦୟା ଦେଖାଏ । ଏ ଜଗତରେ ସେ ହିଁ କେବଳ ଦୟାମୟଙ୍କ ଚର ଅଟେ ।

(ଚ) କଣ କଲେ ଆମର ଜୀବନ ସାର୍ଥକ ହେବ ?

ଉ – ଜୀବନକାଳ ମଧ୍ୟରେ ଟିକି ଟିକି ମହତ କାର୍ଯ୍ୟକରି, ଯଦି ଅନ୍ୟର ଉପକାର କରିପାରୁ, ତେବେ ଆମର ଜୀବନ ସାର୍ଥକ ହେବ ।

**୨. ଟିକି-ଟିକି ଲଗାଇ ଆଉ କେତୋଟି ପଦ ଲେଖ ।**

| | |
|---|---|
| ଟିକିଟିକି ତାରକା | ଟିକିଟିକି ପାଣିଟୋପା |
| ଟିକିଟିକି ଗଛ | ଟିକିଟିକି ଚଢ଼େଇ |

ଟିକିଟିକି କାର୍ଯ୍ୟ

**୩. ଆସ ଏପରି ଶବ୍ଦ ଲେଖିବା, ଯେପରି ଶବ୍ଦଗୁଡ଼ିକ ଏକାଭଳି ଶୁଭୁଥିବ ।**

ସିନ୍ଧୁ – ଇନ୍ଦୁ, ବିନ୍ଦୁ

ଧରା – ସରା, ଗରା

ଧନ - ଜନ, ମନ

ନର – ବର, ଡ଼ର

**୪. ତଳ ଶବ୍ଦକୁଡ଼ିକର ଅର୍ଥ ଅଭିଧାନରୁ ବାହାର କରିବ ।**

ଧରା - ପୃଥିବୀ

ତୋଫା – ଉଜ୍ଜ୍ୱଳ

ବିନାଶି – ବିଲୋପ କରି

କ୍ଷିତି - ପୃଥିବୀ

ସୁଗତି – ଉତ୍ତମ ଗତି

ମର୍ତ୍ତ୍ୟ -ପୃଥିବୀ

**୫. କବିତାଟିକୁ ପଢି ଶୂନ୍ୟସ୍ଥାନ ପୂରଣ କର ।**

(କ) ଟିକିଟିକି ଧୂଳି କଣିକା ମିଶି ହୋଇଛି ଧରା

ପାହାଡ଼, ପଡ଼ିଆ, ନଗର, ସବୁ ଧୂଳିରେ ଗଢା

(ଖ) ଲବେଲବେ ଦୟା ହୃଦୟୁ ଦେଇ ପାରେ ଯେ ନର,

ସେ ଏକା ବୋଲାଏ ଜଗତେ ଦୟାମୟଙ୍କ ଚର

୬. "ଗୋଟି ଗୋଟି କେତେ ଗଛରେ ପରା ତିଆରି ବନ

ଏତେ ଲୋକହିତ ସାଧୁଛି, ଏତେ ବାଣ୍ଟୁଛି ଧନ"

**ଏହି ପଦର ଅର୍ଥ ପାଞ୍ଚଗୋଟି ବାକ୍ୟରେ ଲେଖିବା ।**

(କ) ଗୋଟି ଗୋଟି କରି ଅନେକ ଗଛକୁ ନେଇ ବଣ ସୃଷ୍ଟି ହୋଇଛି ।

(ଖ) ସେହି ଗଛଗୁଡ଼ିକର ସ୍ୱାଦିଷ୍ଟ ଫଳ ଲୋକମାନଙ୍କ ଆହାର ହୋଇଥାଏ ।

(ଗ) ବଣରୁ ଲୋକମାନେ ବାସଗୃହ ଓ ଅନ୍ୟାନ୍ୟ ଗୃହୋପକରଣ ତିଆରି ପାଇଁ କାଠ ପାଇଥାନ୍ତି ।

(ଘ) ଏହିପରି ବଣ ମହଜୁଦ କରି ରଖିଥିବା ମୂଲ୍ୟବାନ ସମ୍ପଦକୁ ଲୋକମାନଙ୍କ ହିତ ସାଧନପାଇଁ ବିତରଣ କରିଥାଏ ।

**୭.** **କବିତାରେ ଯେଉଁ ପଦଗୁଡ଼ିକରେ ମଣିଷର ଭଲଗୁଣ କଥା କୁହାଯାଇଛି । ସେହି ପଦଗୁଡ଼ିକୁ ଆବୃତ୍ତି କରିବା ।**

ଲବେଲବେ ଦୟା ହୃଦୟୁ　　　ଦେଇ ପାରେ ଯେ ନର

ସେ ଏକା ବୋଲାଏ ଜଗତେ　　　ଦୟାମୟଙ୍କ ଚର

ପଦୁଁ ପଦକଥା ମଧୁର ଯେହୁ　　　ଭାସଇ ମୁଖେ

ପରକୁ ଆପଣା କରି ସେ　　　ବାନ୍ଧି ପାରଇ ସୁଖେ

ଟିକିଟିକି କାର୍ଯ୍ୟେ ସୁଗତି　　　ଯେବେ ଦେଖାଇ ପାର

ତେବେ ସିନା ମର୍ତ୍ତେ ପିଲାଏ　　　ଜନ୍ମ ହୋଇବ ସାର

**୮.** **ତଳ ଶବ୍ଦଗୁଡ଼ିକର ଅର୍ଥ ବୁଝାଉଥିବା ଆଉ କେତୋଟି ଶବ୍ଦ ଲେଖିବା ।**

ଧରା - ଧରିତ୍ରୀ, ପୃଥିବୀ, ଧରଣୀ

ବନ - ବିପିନ, କାନନ, ଅରଣ୍ୟ

ନର – ମନୁଷ୍ୟ, ମାନବ, ମଣିଷ

***